# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୫.୦୧.୨୦୨୬ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ରାଜକିଶୋର ଦାସ, ଚେୟାରମ୍ୟାନ୍,
୨. ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ,
୩. ଶ୍ରୀ ଚନ୍ଦ୍ରଶେଖର ମଲ୍ଲିଆ,
୪. ଶ୍ରୀ ଶିବ ପ୍ରସାଦ ବେହେରା,
୫. ଶ୍ରୀମତୀ ଅଲିଅଳି ମଲ୍ଲିକ୍,
୬. ଅସିୟା ବେଗମ୍

ଅଦ୍ୟ ତା ୧୫.୦୧.୨୦୨୬ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଟ୍ୟାକସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ରାଜକିଶୋର ଦାସ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ହାଟ ଗୁଡ଼ିକରେ ବ୍ୟବସାୟ କରୁଥିବା ଯେଉଁ ବ୍ୟବସାୟୀମାନେ ବସି ବିକ୍ରୀ କରୁଛନ୍ତି ତାଙ୍କ ଠାରୁ ମାସିକ ଟ୩୦୦/- ଏବଂ ପିଣ୍ଡିରେ ବସି ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କ ଠାରୁ ମାସିକ ଟ୫୦୦/- ମାତ୍ର ଲେଖାଏଁ POS ମେସିନ୍ ଦ୍ୱାରା ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳର ଉତ୍କଳ ହସ୍ପିଟାଲ୍, ସ୍ୱର୍ଣ୍ଣ ହସ୍ପିଟାଲ୍, କଲ୍ୟାଣ ଜୁଏଲର୍ସ ଆଦି ସ୍ଥାନରେ ପାର୍କିଙ୍ଗ୍ ଫି ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଏକ ନମ୍ବର ହାଟକୁ କ୍ରୟ କରିବାକୁ ଯାଉଥିବା ଲୋକଙ୍କ ସୁବିଧା ପାଇଁ କ୍ୟାପିଟାଲ୍ ଥାନା ଠାରୁ A.G ଛକ ପର୍ଯ୍ୟନ୍ତ ବାମ ପାର୍ଶ୍ୱ ରାସ୍ତାରେ କେବଳ ଦୁଇ ଚକିଆ ଯାନ ଗୋଟିଏ ଧାଡ଼ି ରଖି ପାର୍କିଙ୍ଗ୍ ଫି ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମାଚଂଳ ଜନପଥ ରାସ୍ତାର ଦୁଇ ପାର୍ଶ୍ୱରେ ବହୁ ଗାଡ଼ି ରହୁଅଛି ସେଠାରୁ ପାର୍କିଙ୍ଗ୍ ଫି ଆଦାୟ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ବିଜ୍ଞାପନଫଳକ ଲଗାଇବା ପାଇଁ ଅନୁମତି ନେଇଥିବା ସଂସ୍ଥା ନିଗମକୁ ସମ୍ପୂର୍ଣ୍ଣ ଅର୍ଥ ପଇଠ କରୁନାହାଁନ୍ତି । ସେମାନଙ୍କ ବିଜ୍ଞାପନ କାଟିବା ପାଇଁ ଏବଂ ଏଥିପାଇଁ କୋର୍ଟରେ କ୍ୟାଭେଟ୍ ଫାଇଲ୍ କରିବା ନିମନ୍ତେ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୬). ରାଜଭବନ ନିକଟରେ No Hording Zone ଘୋଷଣା କରିବା ଏବଂ ସେଠାରେ No Hording Zone ବୋର୍ଡ଼ ଲଗାଯିବା ସହିତ ଯଦି କେହି ସେଠାରେ ହୋର୍ଡ଼ିଙ୍ଗ୍ ଲଗାନ୍ତି ତେବେ ତାଙ୍କ ଠାରୁ ଟ୫୦,୦୦୦/-(ପଚାଶ ହଜାର) ଟଙ୍କା ଫାଇନ୍ ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୭). ଭୁବନେଶ୍ୱର ମହାନଗର ନିଗମ ବିଭିନ୍ନ ସମୟରେ କାଟୁଥିବା ଲୁହା, ପ୍ଲାଷ୍ଟିକ୍ କେତେ ଟଙ୍କାର ବିକ୍ରୀ ହେଉଅଛି ତହାର ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ନିଗମର ବିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୮). ନିଗମର ବୀର ସୁରେନ୍ଦ୍ର ସାଏ ନଗର କଲ୍ୟାଣମଣ୍ଡପ, ସହିଦନଗର କଲ୍ୟାଣମଣ୍ଡପ, ବଡ଼ଗଡ଼ କଲ୍ୟାଣମଣ୍ଡପର ପୁନଃଉଦ୍ଧାର କରି ଅଧିକ ଭଡ଼ା ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୯). ୱାର୍ଡ଼ ନଂ-୬୦ ରେ ନିର୍ମାଣ ହୋଇଥିବା କମ୍ୟୁନିଟି ସେଂଟରକୁ ଗୋଟିଏ ଦିନ ଭଡ଼ା ବାବଦକୁ ଟ୨୦,୦୦୦/-ଙ୍କା (କୋଡ଼ିଏ ହଜାର) ଟଙ୍କା ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୧୦). ନୂଆ ୱାର୍ଡ଼ ଅଫିସ୍ ଖୋଲିବା ପରେ କେଉଁ କମ୍ୟୁନିଟି ସେଂଟର ଗୁଡ଼ିକ ଖାଲିଅଛି ଓ କମ୍ୟୁନିଟି ସେଂଟର କେଉଁଠାରେ ନିର୍ମାଣ ହୋଇଅଛି ତାହାର ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ନଗର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୬.୩୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ରାଜକିଶୋର ଦାସ
ସଭାପତି
ତା ୧୫.୦୧.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ପ୍ଲାନିଂ ଆଣ୍ଡ୍ ଡେ଼ଭେଲପ୍ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୬.୦୧.୨୦୨୬ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ଶ୍ରୀଧର ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପିଙ୍କି ସ୍ୱାଇଁ,
୩. ଶ୍ରୀମତୀ କବିତା ସ୍ୱାଇଁ,
୪. ନମିତା ମହାପାତ୍ର,
୫. ଶ୍ରୀ ବିପ୍ଳବ ବେହେରା,
୬. ଶ୍ରୀ ଘରୁଲତା ସାମନ୍ତରାୟ

ଅଦ୍ୟ ତା ୧୬.୦୧.୨୦୨୬ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପ୍ଲାନିଂ ଆଣ୍ଡ୍ ଡେ଼ଭେଲପ୍ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ କେତେକ ବ୍ୟକ୍ତି ପ୍ଲଟିଙ୍ଗ୍ ସ୍କିମ୍‌ରେ ରାସ୍ତା ଦେଖାଇ ଜାଗା ବିକ୍ରୀ କରି ଦେଉଛନ୍ତି କିନ୍ତୁ ଉକ୍ତ ରାସ୍ତା ସମ୍ପୃକ୍ତ ବ୍ୟକ୍ତି ନାମରେ ରହୁଥିବାରୁ ରାସ୍ତାର ଉନ୍ନତି ହୋଇପାରୁନାହିଁ, କେତେକ କ୍ଷେତ୍ରରେ ସମ୍ପୃକ୍ତ ବ୍ୟକ୍ତି ରାସ୍ତା ପାଇଁ ସେଠିକାର ଜନସାଧାରଣଙ୍କୁ ଅସୁବିଧାରେ ପକାଉଛନ୍ତି, ତେଣୁ ଯେଉଁ ଯେଉଁ ବ୍ୟକ୍ତିମାନେ ପ୍ଲଟିଙ୍ଗ୍ ସ୍କିମ୍‌ରେ ଜମି ବିକ୍ରୀ କରୁଛନ୍ତି ସେମାନେ Layout Plan approval କରିବା ଆବଶ୍ୟକ, ଯଦି କୌଣସି ବ୍ୟକ୍ତି/ସଂସ୍ଥା Layout Plan ଅନୁମୋଦନ ନେଇନଥାନ୍ତି ତେବେ ସେହି ଜମି Registration ନକରିବା ପାଇଁ ଭୁବନେଶ୍ୱର ସବ୍‌ରେଜିଷ୍ଟରଙ୍କୁ ଏବଂ ଜମିର କିସମ ଘରବାରି ନକରିବା ପାଇଁ ଭୁବନେଶ୍ୱର ତହସିଲଦାରଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବହୁତଳ ପ୍ରାସାଦ ନିର୍ମାଣ ପାଇଁ ନିର୍ମାଣକାରୀ ସଂସ୍ଥା/ ବ୍ୟକ୍ତି ନେଉଥିବା Final Noc ବେଳେ EIDP କାର୍ଯ୍ୟ ପାଇଁ ସମ୍ପୃକ୍ତ କର୍ପୋରେଟରଙ୍କ ସହିତ ଆଲୋଚନା କରିବା ଏବଂ ତାହା ପ୍ଲାନିଙ୍ଗ୍ ଷ୍ଟାଣ୍ଡିଂ କମିଟିରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୨୮ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ଶ୍ରୀଧର ଜେନା
ସଭାପତି
ତା ୧୬.୦୧.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୬.୦୧.୨୦୨୬ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ପ୍ରେମାନନ୍ଦ ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପୁଷ୍ପା ରାଉତ,
୩. ଶ୍ରୀମତୀ ସୁଜାତା ଛୋଟରାୟ

ଅଦ୍ୟ ତା ୧୬.୦୧.୨୦୨୬ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ପ୍ରେମାନନ୍ଦ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ୱାର୍ଡ଼ ନଂ-୫୨ ରେ ଥିବା କମ୍ୟୁନିଟି ସେଂଟରରେ ୱାର୍ଡ଼ ଅଫିସ୍ ଚାଲୁଥିଲା ଏବେ ନୂଆ ୱାର୍ଡ଼ ଅଫିସ୍ ହୋଇଥିବାରୁ କମ୍ୟୁନିଟି ସେଂଟର ଖାଲି ପଡ଼ିଅଛି ତାହାକୁ ବିଭିନ୍ନ ସାମାଜିକ କାର୍ଯ୍ୟ ପାଇଁ ଭଡ଼ା ଦେବା ସହିତ ଦିନକୁ ଭଡ଼ା ଟ୨୦,୦୦୦/- (କୋଡ଼ିଏ ହଜାର ଟଙ୍କା) ଆଦାୟ କରିବା ଏବଂ ଏହିଭଳି ଯେଉଁଠାରେ କମ୍ୟୁନିଟି ସେଂଟର ଅଛି ତାହାକୁ ବିଭିନ୍ନ ସାମାଜିକ କାର୍ଯ୍ୟ ପାଇଁ ଭଡ଼ା ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଯେଉଁ ୱାର୍ଡ଼ରେ କମ୍ୟୁନିଟି ସେଂଟର ଇଞ୍ଜିନିୟର୍ ଉପବିଭାଗ ଦ୍ୱାରା ନିର୍ମାଣ ହୋଇଅଛି ତାହାର ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ଏବଂ ଏକକିତା ନକଲ ଉପ ଆୟୁକ୍ତ, କମ୍ୟୁନିଟି ସେଂଟରଙ୍କୁ ଦେବାପାଇଁ ନଗର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଯେଉଁସବୁ ୱାର୍ଡ଼ରେ ୱାର୍ଡ଼ ଅଫିସ୍ ଗୁଡ଼ିକ କମ୍ୟୁନିଟି ସେଂଟରରେ ଚାଲୁଥିଲା ୱାର୍ଡ଼ ଅଫିସ୍ ନିର୍ମାଣ ସରିବା ପରେ କମ୍ୟୁନିଟି ସେଂଟର ଖାଲିଅଛି ତାହାର ତଥ୍ୟ ଉପ ଆୟୁକ୍ତ, କର୍ପୋରେସନ ଆସେଟ୍ସ, ଉପ ଆୟୁକ୍ତ, କମ୍ୟୁନିଟି ସେଂଟରଙ୍କୁ ପ୍ରଦାନ କରିବା ଏବଂ ତାହାର ଏକକିତା ନକଲ କମିଟିରେ ଉପସ୍ଥାପନ କରିବା ପାଇଁ ନଗର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମ କୌଣସି ଗୃହ, ଦୋକାନ ଗୃହ, ଭେଣ୍ଡିଂଜୋନ୍ ଆଦି ସମ୍ପତି (Assets) ନିର୍ମାଣ କଲେ ତାହାର ତଥ୍ୟ ଉପ ଆୟୁକ୍ତ, କର୍ପୋରେସନ ଆସେଟ୍ସଙ୍କୁ ନଦେଲେ ସେହି କାର୍ଯ୍ୟର ବିଲ୍ ପଇଠ ନକରିବା ପାଇଁ ନିଗମର ବିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବିଜ୍ଞାପନଫଳକ ଲଗାଇଥିବା ଟିମ୍ ଆର୍ଡ଼ମାର୍କ ସଂସ୍ଥା ବକେୟା ଅର୍ଥ ନଦେଲେ ତାଙ୍କର ହୋର୍ଡ଼ିଂରେ ଲାଗିଥିବା ବିଜ୍ଞାପନଫଳକ କାଟିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୬). ନୂଆ ବର୍ଷରେ ଲଗାଯାଇଥିବା ହୋର୍ଡ଼ିଙ୍ଗ୍ ଗୁଡ଼ିକୁ କାଟିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୭). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବିଜ୍ଞାପନଫଳକ ଲଗାଇ ନିଗମର ପଇସା ଦେଉନାହାଁନ୍ତି ସେମାନଙ୍କ structure ଗୁଡ଼ିକ ନିଗମ ଅଧିନକୁ ଆଣି ଅନ୍ୟ ସଂସ୍ଥାଙ୍କୁ ଦେବା ଏବଂ ବକେୟା ଅର୍ଥ ପାଇଁ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୮). ହୋର୍ଡ଼ିଙ୍ଗ୍ ମ୍ୟାନେଜମେଂଟ ବିଷୟରେ ଜାଣିବା ପାଇଁ କୌଣସି ସହରକୁ Exposer visit ଯିବାପାଇଁ ବ୍ୟବସ୍ଥା କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୧୨ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ପ୍ରେମାନନ୍ଦ ଜେନା
ସଭାପତି
ତା ୧୬.୦୧.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୭.୦୧.୨୦୨୬ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ରାଜକିଶୋର ଦାସ, ଚେୟାରମ୍ୟାନ୍,
୨. ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ,
୩. ଶ୍ରୀ ଚନ୍ଦ୍ରଶେଖର ମଲିଆ,
୪. ଅସିୟା ବେଗମ୍,
୫. ଶ୍ରୀମତୀ ଅଲିଅଳି ମଲ୍ଲିକ୍,
୬. ଶ୍ରୀ ବିରଂଚି ନାରାୟଣ ମହାସୁପକାର,
ଚେୟାରମ୍ୟାନ୍, ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟି
୭. ଶ୍ରୀ ଶ୍ରୀଧର ବେହେରା, ଚେୟାରମ୍ୟାନ୍, ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି,
୮. ଶ୍ରୀ ରାମଚନ୍ଦ୍ର ରଣସିଂହ, ଚେୟାରମ୍ୟାନ୍ ଏଜୁକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟି

ତା ୨୨.୧୨.୨୦୨୫ ରିଖ ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟିଙ୍କ ନିଷ୍ପତି ମୁତାବକ ଅଦ୍ୟ ତା ୧୭.୦୧.୨୦୨୬ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ କମିଟିର ସଭ୍ୟ/ସଭ୍ୟା ଓ ଷ୍ଟାଣ୍ଡିଂ କମିଟି ଗୁଡ଼ିକର ଚେୟାରମ୍ୟାନ୍/ ଚେୟାରପରସନ୍ (କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ବ୍ୟତୀତ) ମାନଙ୍କୁ ନେଇ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ୍ ଶ୍ରୀ ରାଜକିଶୋର ଦାସ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ଚେୟାରମ୍ୟାନ୍/ ଚେୟାରପରସନ୍ ଓ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଭୁବନେଶ୍ୱର ମହାନଗର ନିଗମର ୨୦୨୬-୨୭ ଆର୍ଥିକ ବର୍ଷର ଚିଠା ବଜେଟ୍ ଉପସ୍ଥାପନ:-

ନିର୍ଦ୍ଧାରଣ-୧(୧). ଉକ୍ତ ବୈଠକରେ ଉପସ୍ଥାପିତ କରାଯାଇଥିବା ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଭୁବନେଶ୍ୱର ମହାନଗର ନିଗମର ଚିଠା ଆୟ-ବ୍ୟୟ ଅଟକଳ (Draft Budget Estimate for 2026-27) ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଗଲା । ଏଥିରେ ବର୍ଷ ଆରମ୍ଭର ହାତଜମା ୨୯୬.୪୯ କୋଟି ଟଙ୍କା ମାତ୍ର ସହିତ ନିଗମର ବିଭିନ୍ନ ସୂତ୍ରରୁ ଆୟ ବାବଦରେ ୧୦୫୦.୦୬ କୋଟି ଟଙ୍କା ମାତ୍ର ଏପରି ମୋଟ ୧୩୪୬.୫୫ କୋଟି ଟଙ୍କା ମାତ୍ର ଏବଂ ବ୍ୟୟ ବାବଦରେ ୧୦୦୮.୬୫ କୋଟି ଟଙ୍କା ମାତ୍ର ବ୍ୟବସ୍ଥା କରାଯାଇ ବର୍ଷ ଶେଷରେ ୩୩୭.୯୦ କୋଟି ଟଙ୍କା ମାତ୍ର ଆନୁମାନିକ ବଳକା ରହିବ ବୋଲି ବ୍ୟବସ୍ଥା କରାଯାଇଅଛି । ଉକ୍ତ ବଜେଟ୍ ଆଇନ୍ ଅନୁଯାୟୀ କର୍ପୋରେସନରେ ଉପସ୍ଥାପନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରକାଶ ଥାଉକି, ନିଗମର ରାଜସ୍ୱ ବୃଦ୍ଧି କରିବା ପାଇଁ ସବୁ ଗୃହକୁ ଗୃହ ଟିକସ ଅନ୍ତର୍ଭୁକ୍ତ କରିବା ଓ ୟୁଜରର୍ସ ଫି ଆଦାୟ କରିବା ଓ କଲ୍ୟାଣମଣ୍ଡପ, ମାର୍କେଟ୍, ଯାତ୍ରୀନିବାସ, ସହିଦନଗର ଅଡ଼ିଟୋରିୟମ୍ ଆଦି ରାଜସ୍ୱ ବୃଦ୍ଧି ପାଇଁ ଆସେଟ୍ସ ନିର୍ମାଣ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ସର୍ବ ଶେଷରେ ସମସ୍ତ ଚେୟାରମ୍ୟାନ୍/ ଚେୟାରପରସନ୍, ସଭ୍ୟ/ସଭ୍ୟାମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ.୨.୧୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ରାଜକିଶୋର ଦାସ
ସଭାପତି
ତା ୧୭.୦୧.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଗ୍ରୀଭାନ୍‌ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୭.୦୧.୨୦୨୬ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା<br>ସ୍ଥାନ-BMC-ICOMC ର ତଳ ମହଲା<br>ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀମତୀ ବିନୟିନୀ ଜେନା, ଚେୟାରପରସନ୍,
୨. ଶ୍ରୀମତୀ ଇତିଶ୍ରୀ ଦାସ,
୩. ଶ୍ରୀମତୀ ଗିତାଞ୍ଜଳୀ ସାହୁ,
୪. ଶ୍ରୀମତୀ ସଞ୍ଜୁକ୍ତା ସୁନ୍ଦରାୟ,
୫. ଶ୍ରୀମତୀ ପ୍ରଭାସିନି ମହାନ୍ତି

ଅଦ୍ୟ ତା ୧୭.୦୧.୨୦୨୬ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଗ୍ରୀଭାନ୍‌ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ବିନୟିନୀ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ କୁକୁର ବନ୍ଧ୍ୟାକରଣ ପାଇଁ ଯେଉଁଠାରୁ କୁକୁର ମାନଙ୍କୁ ନିଆଯାଉଅଛି ବନ୍ଧ୍ୟାକରଣ ପରେ ସେହି ସ୍ଥାନରେ ଛାଡ଼ିବେ, ଅନ୍ୟ ସ୍ଥାନରେ ନଛାଡ଼ିବା ଏବଂ ଏ ସମ୍ପର୍କରେ ସମ୍ପୃକ୍ତ କର୍ପୋରେଟରଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ସ୍ୱଚ୍ଛସାଥି ଓ ସ୍ୱଚ୍ଛ ସୁପରଭାଇଜର ମାନଙ୍କର ମାସିକ ଦରମା ବୃଦ୍ଧି କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. ୫.୨୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିନୟିନୀ ଜେନା<br>ସଭାପତି<br>ତା ୧୭.୦୧.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ଓ୍ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ
## କମିଟି ବୈଠକ ବିବରଣୀ

ତା ୨୦.୦୧.୨୦୨୬ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ବିରଂଚି ନାରାୟଣ ମହାସୁପକାର, ଚେୟାର୍‌ମ୍ୟାନ୍,
୨. ଶ୍ରୀ ଭରତ କୁମାର ଲେଙ୍କା,
୩. ଶ୍ରୀ ଶୁଭାଂଶୁ ଶେଖର ପଟ୍ଟନାୟକ,
୪. ଶ୍ରୀମତୀ ରଞ୍ଜୁଲତା ରାୟ,
୫. ଶ୍ରୀମତୀ ମୋନାଲିସା ସାହୁ

ଅଦ୍ୟ ତା ୨୦.୦୧.୨୦୨୬ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ଓ୍ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ବିରଂଚି ନାରାୟଣ ମହାସୁପକାର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଭୁବନେଶ୍ୱର ମହାନଗର ନିଗମାଂଚଳରେ ନିମ୍ନଲିଖିତ ବୈଦ୍ୟୁତିକ କାର୍ଯ୍ୟ ପାଇଁ ପାର୍ଶ୍ୱଲିଖିତ ଅଟକଳ ମୂଲ୍ୟର ଅନୁମୋଦନ ନିମନ୍ତେ କମିଟିଙ୍କ ବିଚାର:-

| କ୍ର.ନଂ | କାର୍ଯ୍ୟର ନାମ/ ନଥି ନଂ | ଅଟକଳ ପରିମାଣ |
|---|---|---|
| 1. | Provision of LED post top lamp & decorative lights at Vivekananda Park in Ward No.-45<br>XXVII-10/2025 | Rs.4,80,222/- |
| 2. | Provision of internal wiring to Community Centre in Ward No.-61<br>XXVII-108/2025 | Rs.1,72,190/- |
| 3. | Renovation of electrical work & replacement of post top lamps at Acharya Harihar Park in Ward No.-28<br>XXVII-221/2025 | Rs.2,16,722/- |
| 4. | Supply, fixing & repairing of fan, Tube light at Badagada Kalyan Mandap in the occasion of Swachha Sambardhana Utsav<br>XXVII-223/2025 | Rs.45,848/- |
| 5. | Supply & Installation of decorative lights in Main Gate at Badagada Chhak<br>XXVII-227/2025 | Rs.25,228/- |
| 6. | Repair & maintenance of Tube light, Fan, Submersible Pump Motor and DG sets at Aiginia Crematorium in W.No.-49<br>XXVII-02/2026 | Rs.82,636/- |
| 7. | Provision of internal wiring to Ward Office in W.No.-59<br>XXVII-219/2025 | Rs.1,61,773/- |
| 8. | Renovation of Internal Electrification at Unit-8 Community Centre in Ward No.-47<br>XXVII-01/2026 | Rs.2,42,024/- |

ନିର୍ଦ୍ଧାରଣ-୧. ପ୍ରସ୍ତାବ ବର୍ଣ୍ଣିତ ୮ ଗୋଟି କାର୍ଯ୍ୟ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୨. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୨(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ନିମ୍ନଲିଖିତ ପୋଖରୀ ଗୁଡ଼ିକ ଯଥା:-ଶିରିପୁରସାହି ପୋଖରୀ, କୁକୁଟେଶ୍ୱରୀ ପୋଖରୀ, ବଜରଙ୍ଗ ବିହାର ପୋଖରୀ, ସ୍ପିଙ୍ଗ୍‌ଟ୍ୟାଙ୍କ୍ ଓ୍ୱାଟରବଡ଼ିର ସୌନ୍ଦର୍ଯ୍ୟକରଣ, Rejuvenation & Cleaning of Kedar Gouri Pond, ଭାମେଶ୍ୱର ପୋଖରୀ ପୁନଃଉଦ୍ଧାର କାର୍ଯ୍ୟ 15th FC Tied Fund ରୁ ଏବଂ Bio enzyme treatment of polluted water of Kedar Gouri Pond 15th FC Tied Fund ରୁ ଏବଂ କେଦାରଗୌରୀ ପୋଖରୀର ଚତୁଃପାର୍ଶ୍ୱ ଉନ୍ନତିକରଣ କାର୍ଯ୍ୟ MSBY ଫଣ୍ଡରୁ ସମ୍ପାଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୨). ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ସୈନିକ ସ୍କୁଲ ନିକଟରେ ଥିବା TTS ରେ ନିରନ୍ତର ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପାଇଁ ଟେରେକ୍ସ/ଟ୍ରୋମେଲ୍ ମେସିନ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଟେରେକ୍ସ/ଟ୍ରୋମେଲ୍ ମେସିନ୍ ର operational କାର୍ଯ୍ୟ ପାଇଁ All India Institute of Local Self Govt (AIILSG) ଦ୍ୱାରା ଆଉଟସୋର୍ସିଂ ଆଧାର ରେ ନିୟୋଜିତ ହେଇଥିବା ଅପରେଟର ଏବଂ ସହକାରୀ ଅପରେଟରଙ୍କ କାର୍ଯ୍ୟ ଅବଧି ତା ୩୦.୧୧.୨୦୨୫ ରିଖ ଠାରୁ ଆଉ ଏକ ବର୍ଷ ବୃଦ୍ଧି କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୩). ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ଗାଡ଼କଣ ଠାରେ ଥିବା TTS ରେ Windrows composting ଦ୍ୱାରା କରାଯାଉଥିବା ବର୍ଜ୍ୟବସ୍ତୁର ସୁପରିଚାଳନା ଏବଂ ଏହି ବର୍ଜ୍ୟବସ୍ତୁମାନଙ୍କୁ Aero tiller machine ଦ୍ୱାରା ବୁଲାଇବା ପାଇଁ Aero ଟିଲର ମେସିନ୍ ଦୁଇ ଜଣ ଅପରେଟରଙ୍କ ଆଉଟସୋର୍ସିଂ ଆଧାରରେ M/s Jagannath Placement and Allied Services ଦ୍ୱାରା ନିୟୋଜିତ ହୋଇଥିଲେ | ଏହି ଅପରେଟର ମାନଙ୍କର କାର୍ଯ୍ୟ ଅବଧି ତା ୩୧.୧୦.୨୦୨୫ ରିଖ ରେ ଶେଷ ହୋଇଅଛି | ଏଣୁ ଏହି ଦୁଇ ଜଣ ଅପରେଟରଙ୍କର କାର୍ଯ୍ୟ ଅବଧିକୁ ଆଉ ଏକ ବର୍ଷ ବୃଦ୍ଧି କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୪). ଭୁବନେଶ୍ୱର ସହରକୁ ସଫାସୁତରା ରଖିବାପାଇଁ କାର୍ଯ୍ୟକରୁଥିବା ପରିମଳ କର୍ମଚାରୀ ମାନଙ୍କ ମଙ୍ଗଳପାଇଁ ଭୁବନେଶ୍ୱର ମୁନିସିପାଲ କର୍ପୋରେସନ ବିଭିନ୍ନ କାର୍ଯ୍ୟ ଉପଯୋଗୀ କଲ୍ୟାଣୀକାରି ପଦକ୍ଷେପ ନେଉଛନ୍ତି ଯଥା ନିୟମିତ ବ୍ୟବଧାନରେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା, ବିଭିନ୍ନ PPE Kit ପ୍ରଦାନ ଏବଂ ବ୍ୟବହାର, ବଡାଖାନା ଆୟୋଜନ, ଭଲକାର୍ଯ୍ୟ ପାଇଁ ପୁରସ୍କାର ରାଶି ସହିତ ଶୁଭେଚ୍ଛା ପ୍ରଦାନ ଇତ୍ୟାଦି | ଏହି କଲ୍ୟାଣକାରୀ ପଦକ୍ଷେପକୁ ବଜାୟ ରଖିବା ଏବଂ BMC ରେ ମୋଟ କାର୍ଯ୍ୟରତ ୩୬୨୯ ପରିମଳ କର୍ମଚାରୀ ମାନଙ୍କ ପ୍ରୋତ୍ସାହନ ନିମନ୍ତେ ପ୍ରତିଦିନ Hajira Point ରେ ଆନୁମାନିକ ମୋଟ ଟ.୩୬,୨୯୦/-ଙ୍କା ବ୍ୟୟରେ ଯାହାକି ପ୍ରତି ପରିମଳ କର୍ମଚାରୀ ମାନଙ୍କ ପାଇଁ ଟ.୧୦/-ଙ୍କା ହିସାବରେ ଚା ଏବଂ ବିସ୍କୁଟ ତା.୩୧.୦୩.୨୦୨୬ ରିଖ ପର୍ଯ୍ୟନ୍ତ Agency ମାନଙ୍କ ମାଧ୍ୟମରେ କାର୍ଯ୍ୟକାରୀ କରାଇ, Agency ମାନେ Bill ପଇଠ କରିବାପରେ, ଧାର୍ଯ୍ୟ ମୂଲ୍ୟ ହିସାବରେ Swachh Survekhyan ପୁରସ୍କାର ରାଶିରୁ ଭରଣା କରିବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୫). ଗୃହ ଏବଂ ନଗର ଉନ୍ନୟନ ବିଭାଗ, ଓଡିଶା ସରକାରଙ୍କ ପତ୍ର ସଂଖ୍ୟା 13408 dtd.30.07.19 ନିର୍ଦ୍ଦେଶ କ୍ରମେ, ଭୁବନେଶ୍ୱର ମହାନଗର ନିଗମ Decentralise Waste Management କୁ କାର୍ଯ୍ୟକାରିତା ଏବଂ ବର୍ଜ୍ୟବସ୍ତୁର ସୁପରିଚାଳନା ପାଇଁ ସହରର ବିଭିନ୍ନ ସ୍ଥାନରେ 22 ଗୋଟି Wealth Centre,ପଲାଶୁଣୀ ଠାରେ 150 TPD Mega MRF & Coconut Waste Processing plant , ପୋଖରୀପୁଟ ଠାରେ Flower Waste Processing Centre ଇତ୍ୟାଦି ଚଳାଯାଉଅଛି | ଏହି Plant ଗୁଡିକର ସୁପରିଚାଳନା ଏବଂ ଦୈନନ୍ଦିନ କାର୍ଯ୍ୟ ତଦାରଖ ଗୃହ ଏବଂ ନଗର ଉନ୍ନୟନ ବିଭାଗ, ଓଡିଶା ସରକାରଙ୍କ ଠାରୁ ଆସୁଥିବା TULIP Interns ମାନଙ୍କ ଦ୍ୱାରା କରାଯାଉଥିଲା ଯେଉଁମାନଙ୍କର consolidated remuneration ମାସିକ ଟ.15,000/- ଙ୍କା ଅଟେ | କିନ୍ତୁ ଏହି TULIP Interns ମାନଙ୍କର କାର୍ଯ୍ୟ ଅବଧି ତା 26.05.2025 ରିଖ ସମାପ୍ତ ହେବାପରେ ସାମୁହିକ ଭାବରେ Vehicle Coordinators ଏବଂ ତତପରେ SMTA ଏବଂ DEO ମାନଙ୍କୁ Plant Manager ଦାୟିତ୍ୱ 28.02.2026 ପର୍ଯ୍ୟନ୍ତ ଦିଆଯାଇଅଛି | ଏହି ଦୃଷ୍ଟିରୁ Plant ଗୁଡିକର ସୁପରିଚାଳନା ଏବଂ ଦୈନନ୍ଦିନ କାର୍ଯ୍ୟର ତଦାରଖ କରିବାପାଇଁ ପ୍ରତି DEO-cum-Plant Managerଙ୍କୁ consolidated remuneration ମାସିକ ଟ.15,000/- ଙ୍କାରେ, ମୋଟ 25 ଜଣ DEO-cum-Plant Managerଙ୍କୁ Tender / RFP / GEM ମାଧ୍ୟମରେ ଗୋଟିଏ ବର୍ଷ (extendable ଆଉ ଗୋଟିଏ ବର୍ଷ ପାଇଁ) ନିମ୍ନ ମତେ ନିୟୋଜିତ କରିବା ଏବଂ ଶୀଘ୍ର ଟେଣ୍ଡର ଆହ୍ୱାନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

- Allowable administrative cost – 3.85% of monthly invoice excluding statutory charges (CGST, SGST etc.)

- Educational Qualification: Graduation with PGDCA
- Experience: Minimum one (01) year (preference to candidates with experience in sanitation/solid waste management/ managerial experience)
- Skill Set: Proficiency in computer applications, record keeping, and data management

ନିର୍ଦ୍ଧାରଣ-୨(୬). Small thermal fogging ପାଇଁ ଆଉଟସୋର୍ସିଙ୍ଗ ମାଧ୍ୟମରେ M/s Jagannath Placement and Security services ଦ୍ୱାରା ନିୟୋଜିତ ୧୫ ଜଣ Hand machine operator ଙ୍କ ନିଯୁକ୍ତି ଅବଧି ତା. ୨୨.୦୬.୨୦୨୪ ରିଖ ଠାରୁ ତା ୨୮.୦୨. ୨୦୨୫ ରିଖ ପର୍ଯ୍ୟନ୍ତ ରଖାଯାଇଥିଲା, ଏହାର କାର୍ଯ୍ୟତୋର ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୭). Lingaraj ROB Wealth Centre ରେ ଦୈନନ୍ଦିନ କାର୍ଯ୍ୟ ଏବଂ ବର୍ଜ୍ୟବସ୍ତୁ ଗୁଡିକର ପ୍ରକ୍ରିୟାକରଣ ୨୧ଜଣ ସ୍ୱଚ୍ଛ କର୍ମୀଙ୍କ ମାଧ୍ୟମରେ M/s Feedback Charitable Trust (FFCT) NGO କାର୍ଯ୍ୟକରୁଥିଲା ଏବଂ ଏହାର କାର୍ଯ୍ୟକାଳ ତା.୩୧.୦୮.୨୦୨୫ ରିଖରେ ସମାପ୍ତ ହେଲା | ଏହା ପରେ ତା. ୦୧.୦୯.୨୦୨୫ ରିଖ ଠାରୁ ଏହି Wealth Centre ର ଦୈନନ୍ଦିନ କାର୍ଯ୍ୟ ଏବଂ ବର୍ଜ୍ୟବସ୍ତୁଗୁଡିକର ପ୍ରକ୍ରିୟାକରଣ ପାଇଁ ନିୟୋଜିତ ହୋଇଥିବା ୨୧ଜଣ SHG ସ୍ୱଚ୍ଛ କର୍ମୀଙ୍କ ଦ୍ୱାରା BMC ମାଧ୍ୟମରେ ରେ କରାଯିବା ଏବଂ ଗୃହ ଏବଂ ନଗର ଉନ୍ନୟନ ବିଭାଗ, ଓଡିଶା ସରକାରଙ୍କ ପତ୍ର ସଂଖ୍ୟା 5996 dtd.12.03.2024 ନିର୍ଦ୍ଦେଶ କ୍ରମେ monthly consolidated incentive Rs.13500/- ଏବଂ additional risk and hardship allowance @10% of the monthly consolidated incentive ପ୍ରଦାନ ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୮). TTS Plant, MCC & MRF (Wealth Centre) ଏବଂ ଅନ୍ୟ ସମସ୍ତ plant ମାନଙ୍କରେ ଗାଡି ମାନଙ୍କର ଗମନାଗମନ ତଦାରଖ ଏବଂ କାର୍ଯ୍ୟରତ କର୍ମୀ ମାନଙ୍କର କାର୍ଯ୍ୟ ସହିତ ପରିଚାଳନା ର ତଦାରଖ, CCTV ମାଧ୍ୟମରେ କରିବା ପାଇଁ Tender / RFP float କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୯). ଇଞ୍ଜିନିୟର୍ ଉପବିଭାଗ-୨ ଦ୍ୱାରା ନିର୍ମାଣ ହୋଇଥିବା 24 ଗୋଟି ଲୁ (Loo) ପରିମଳ ବିଭାଗ ଦ୍ୱାରା ଯାଞ୍ଚ କରାଯାଇ ବ୍ୟବହାର ଯୋଗ୍ୟ ଥିବା ୮ ଗୋଟି ଲୁ (Loo ) ଗୁଡିକର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଏବଂ ଓ୍ୱାର୍ଡ଼ ଅଫିସ୍‌ରେ ଥିବା ଟଏଲେଟ୍, ଫରେଷ୍ଟ ପାର୍କ, ଇନ୍ଦିରାଗାନ୍ଧି ପାର୍କରେ ଥିବା ଟଏଲେଟ୍ ଏବଂ ସ୍ମାର୍ଟ ଟଏଲେଟ୍ ଗୁଡ଼ିକର M/s sulabh international social service organisation ଦ୍ୱାରା ପରିଚାଳନା ଏବଂ ରକ୍ଷଣାବେକ୍ଷଣ କରିବା ଏବଂ ବ୍ୟବହାର କାରିକଙ୍କ ଠାରୁ ଟ୫/- ଲେଖାଏଁ ଆଦାୟ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୧୦). ଏକ (୧) ବର୍ଷର ଅବଧି ପାଇଁ ବାୟୋ-ଇନୋକ୍ୟୁଲାଣ୍ଟ (Bio inoculant) ଓ ଦୁର୍ଗନ୍ଧ ନିୟନ୍ତ୍ରଣ ପାଉଡର (Odour Control Powder) ଯୋଗାଣ ନିମନ୍ତେ ନୂତନ ଟେଣ୍ଡର ଆହ୍ୱାନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୧୧). ବିଏମସିର ଅଧୀନରେ ସ୍ଥାପିତ ୱେଲ୍‌ଥ ସେଣ୍ଟରଗୁଡ଼ିକରେ କାର୍ଯ୍ୟରତ ସ୍ୱଚ୍ଛ କର୍ମୀମାନଙ୍କ ପାଇଁ ବସ୍ତ୍ର ଯୋଗାଣ ଏବଂ ୟୁନିଫର୍ମ ସିଲାଇ କାର୍ଯ୍ୟ ଯୋଗାଣ ନିମନ୍ତେ ସ୍ୱୟଂସହାୟକ ଗୋଷ୍ଠୀ (SHG)/ମିଶନ ଶକ୍ତିଙ୍କ ଚୟନ ସମ୍ପର୍କିତ ଏକ (୧) ବର୍ଷର ଅବଧି ପାଇଁ ନୂତନ ଟେଣ୍ଡର ଆହ୍ୱାନ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୧୨). ଚୟନ ହୋଇଥିବା ବିଦ୍ୟାଳୟ ଗୁଡ଼ିକରେ 'ଜିରୋ ୱେଷ୍ଟ ପ୍ରକଳ୍ପ' କାର୍ଯ୍ୟାନ୍ୱୟନ ପାଇଁ ଏକ (୧) ବର୍ଷର ଅବଧି ନିମନ୍ତେ ଏକ ସଂସ୍ଥା ଚୟନ ସମ୍ପର୍କିତ ନୂତନ ଟେଣ୍ଡର ଆହ୍ୱାନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୧୩). ଭୁବନେଶ୍ୱର ମୁନିସିପାଲ କର୍ପୋରେସନ୍‌ର ଅଧୀନରେ ଘର-ଘର କଚରା ସଂଗ୍ରହ କାର୍ଯ୍ୟ ନିମନ୍ତେ ୪୪ (ଚୌରାଳିଶ) ଗୋଟି ପେଡାଲ-ଆଧାରିତ/ ଚେନ୍-ଚାଳିତ (ଟ୍ରଲି-ରିକ୍ସା ପ୍ରକାର) ଯାନ ତିଆରି ଏବଂ ଯୋଗାଣ ପାଇଁ ଏମ୍ପାନେଲମେଣ୍ଟ ନିମନ୍ତେ ଯୋଗ୍ୟ ଉତ୍ପାଦକ ଏବଂ ଯୋଗାଣକାରୀ ପାଇଁ ନୂତନ ଟେଣ୍ଡର ଆହ୍ୱାନ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୧୪). ବିଏମସି ସୁବିଧା କେନ୍ଦ୍ର ଗୁଡ଼ିକରୁ ଉତ୍ପାଦିତ RDF ଲୋଡିଂ, ପରିବହନ ନିମିତ୍ତେ EOI ମାଧ୍ୟମରେ ଯୋଗ୍ୟ ଓ ଅଭିଜ୍ଞ ସଂସ୍ଥା ଚୟନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୧୫). ନୂତନ ଚୟନିତ ଏଜେନ୍ସିଙ୍କୁ ମୋବିଲାଇଜେସନ୍ ଏବଂ RDF ଉଠାନ ଓ କୋ-ପ୍ରୋସେସିଂ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଆରମ୍ଭ କରିବାକୁ ଯଥେଷ୍ଟ ସମୟ ଆବଶ୍ୟକ ହେବାରୁ, 31.01.2026 ମଧ୍ୟରେ 20,000 MT RDF ନିଷ୍ପତ୍ତି ପାଇଁ M/s Dalmia Cement (Bharat) Ltd. ସହ ପ୍ରତି MT Rs. 928.57 ଦରରେ ଅନ୍ତିମ ସମାଧାନ କରାଯିବା ଏବଂ ଉକ୍ତ ସଂସ୍ଥା ଢେଙ୍କାନାଳ ଅଂଚଳର ବାଟରେ ଅଳିଆ ପକାଇଥିବାରୁ ତାଙ୍କ ଉପରେ ଟ୨,୦୦,୦୦୦/-(ଦୁଇ ଲକ୍ଷ ଟଙ୍କା) ଫାଇନ୍ ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୧୬). ଭୁବନେଶ୍ୱର ମୁନିସିପାଲ କର୍ପୋରେସନ୍‌ର ୱାର୍ଡ ନଂ–୬, ୨୩ ଓ ୩୦ରେ ୧ (ଏକ) ବର୍ଷର ୱାରେଣ୍ଟି ସହିତ ୩ (ତିନି)ଟି ପୋର୍ଟା କ୍ୟାବିନ୍‌ର ଯୋଗାଣ, ସ୍ଥାପନ ଏବଂ କମିଶନିଂ କାର୍ଯ୍ୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୧୭). M/s Orissa Agro Machinery, Sakhigopal ଦ୍ୱାରା ଦିଆଯାଇଥିବା ପ୍ରସ୍ତାବ ଅନୁସାରେ O&M ସହିତ ପରିବହନ ଖର୍ଚ୍ଚ ସମେତ ସମ୍ପୂର୍ଣ୍ଣ ୧୦୦% ବ୍ୟୟ ନିଜେ ବହନ କରି ଉତ୍ପାଦ ବିକ୍ରୟ ମାଧ୍ୟମରେ ରାଜସ୍ୱ ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୧୮). ବର୍ତ୍ତମାନ ୱେଲ୍‌ଥ ସେଂଟର (ଏମ୍.ସି.ସି ଏବଂ ଏମ୍.ଆର୍.ଏଫ୍) ଗୁଡ଼ିକର ସୁପରିଚାଳନା ପାଇଁ Inert material ଗୁଡ଼ିକୁ LCV ଦ୍ୱାରା ଉଠା ଯାଇଥାଏ ଯାହା ସମୟ ସାପେକ୍ଷ ଏବଂ LCV ଗୁଡ଼ିକ ଅଧିକା ଟ୍ରିପ୍ କରି ଅଳିଆ ସଂଗ୍ରହ କରିବାରେ ବାଧା ଉପୁଜୁଅଛି । ଏହି Inert material ଗୁଡ଼ିକୁ ୱେଲ୍‌ଥ ସେଂଟର (ଏମ୍.ସି.ସି ଏବଂ ଏମ୍.ଆର୍.ଏଫ୍) ଗୁଡ଼ିକରୁ ଉଠାଇବା ଏବଂ ପରିବହନ କରିବା ନିମନ୍ତେ ସମୁଦାୟ ୩ଟି କମ୍ପାକ୍ଟର ଏବଂ ୬ଟି HYVA ଯାନ ପ୍ରତି ଜୋନ୍‌ରେ ୧ଟି କମ୍ପାକ୍ଟର ଓ ୨ଟି HYVA ଯାନ ନିୟୋଜନ କରାଯିବ; କମ୍ପାକ୍ଟର ଯାନ ଭିଜା ଇନର୍ଟ ଏବଂ HYVA ଯାନ ଶୁଖିଲା ଇନର୍ଟ କଚରା ପରିବହନ କରିବ, ଏବଂ କୌଣସି ମୂଳଧନ ଖର୍ଚ୍ଚ ବିନା ଟେଣ୍ଡର ମାଧ୍ୟମରେ ଭଡା ଆଧାରରେ ଯାନଗୁଡ଼ିକ ନିୟୋଜନ କରାଯିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୧୯). ଭୁବନେଶ୍ୱର ମହାନଗର ନିଗମର ୫୬ ଗୋଟି ୱାର୍ଡରେ ପ୍ରତି **LCV** ଗାଡ଼ିରେ ଦୁଇଜଣ ଲେଖାଏଁ ହେଲପର ଦେବା ପାଇଁ ନିଷ୍ପତି ହୋଇଥିଲା ଅବଶିଷ୍ଟ ୧୧ ଗୋଟି ୱାର୍ଡରେ ନିୟୋଜିତ ହୋଇଥିବା **LCV** ଗାଡ଼ିରେ ଅତିରିକ୍ତ ଆଉଜଣେ ଲେଖାଏଁ ହେଲପର ଦେବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୨୦). ଭୁବନେଶ୍ୱର ମହାନଗର ନିଗମର ପରିଲିଖିତ **MCC/MRF** ର ମରାମତି ପୁନଃଉଦ୍ଧାର କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୨୧). ଭୁବନେଶ୍ୱର ମହାନଗର ନିଗମାଚଂଳରେ ଥିବା ଓଭରବ୍ରିଜ୍ ତଳେ ଥିବା ଗଛ ଗୁଡ଼ିକରେ ପାଣି ନଦେବାରୁ ଖରାପ ହୋଇଗଲାଣି ତେଣୁ ପାଣି ଦେବାପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୨୨). ପ୍ୟାକେଜ୍-୩ ନିମନ୍ତେ ମେକାନିକାଲ୍ ସଫେଇ ପାଇଁ ହୋଇଥିବା ଟେଣ୍ଡରରେ ଦୁଇ ପାର୍ଶ୍ୱ ସଫେଇ ସମ୍ପର୍କରେ ମ୍ୟାନ୍ ପାୱାର୍ ବ୍ୟବସ୍ଥା କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୨୩). ଭୁବନେଶ୍ୱର ମହାନଗର ନିଗମାଚଂଳରେ ଥିବା ବଡ଼ ନାଳ ଗୁଡ଼ିକ ସଫା କରିବା ପାଇଁ ଠିକା ନେଇଥିବା ଠିକାଦାର ମାନେ ବର୍ଷାଦିନ ପୂର୍ବରୁ ଭଲ ଭାବେ ସଫେଇ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧.୪୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିରଂଚି ନାରାୟଣ ମହାସୁପକାର
ସଭାପତି
ତା ୨୦.୦୧.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୨.୦୧.୨୦୨୬ ରିଖ

ସମୟ-ଅପରାହ୍ନ ଘ.୧୨.୩୦ ମିନିଟ୍
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ଶ୍ରୀଧର ବେହେରା, ଚେୟାରମ୍ୟାନ୍,
୨. ଶ୍ରୀ ଅମରେଶ ଜେନା,
୩. ଶ୍ରୀମତୀ ସମିତା ମହାନ୍ତି,
୪. ଶ୍ରୀ ସନ୍ତୋଷ କୁମାର ସିଂହ

ଅଦ୍ୟ ତା ୨୨.୦୧.୨୦୨୬ ରିଖ ଅପରାହ୍ନ ଘ.୧୨.୩୦ ମିନିଟ୍ ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ବେହେରା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ବହୁ ପୂର୍ବରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଅଟକଳ ମୂଲ୍ୟ ଠାରୁ ଟେଣ୍ଡରରେ କମ୍ ପକାଇବା ପାଇଁ ନିର୍ଦ୍ଦିଷ୍ଟ ସୀମା ନଥିବାରୁ ଠିକାଦାରମାନେ ମନଇଚ୍ଛା କିମ୍ବା ଉଦ୍ଦେଶ୍ୟମୂଳକ ଭାବେ କାମ ନକରାଇ ଦେବାପାଇଁ ଲକ୍ଷ ରଖି ଅଟକଳ ମୂଲ୍ୟ ଠାରୁ ବହୁ ପରସେଂଟ୍ କମ୍‌ରେ ଟେଣ୍ଡର ପକାଇଲେ ଏବଂ କାମ ମଧ କଲେନାହିଁ, ଯେଉଁ କାର୍ଯ୍ୟ କଲେ ବହୁ ନିମ୍ନମାନର କାର୍ଯ୍ୟ କଲେ ଫଳରେ ଇଞ୍ଜିନିୟର୍ ଓ ଠିକାଦାର ବିବାଦ ଉପୁଜିଲା ଏବଂ କାର୍ଯ୍ୟ ଖରାପ ହେବାରୁ ଏବଂ କାମ ନହେବାରୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଲେ ତେଣୁ ରାଜ୍ୟ ସରକାର ବହୁ ବିଚାର ବିମର୍ଷ କରି ଜଣେ ଠିକାଦାର କେବଳ ୧୪.୯୯% ଲେସ୍‌ରେ ପକାଇ ପାରିବେ ବୋଲି ସର୍ତ୍ତ ରଖିଲେ । ପୁନଃବାର ରାଜ୍ୟ ସରକାର ଏହି ନିୟମକୁ ପୂର୍ତ୍ତ ବିଭାଗ ସ୍ମାରକ ପତ୍ରସଂଖ୍ୟା-୧୭୩ ତା ୦୩.୦୧.୨୦୨୬ ରିଖରେ ଏବଂ ସ୍ମାରକ ପତ୍ରସଂଖ୍ୟା-୬୩୨ ତା ୦୯.୦୧.୨୦୨୬ ରିଖରେ ଠିକାଦାର ଅଟକଳ ମୂଲ୍ୟ ଠାରୁ ଯେତେ କମ୍ ପକାଇପାରିବେ ବୋଲି ପ୍ରକାଶ କଲେ, ତେଣୁ କାର୍ଯ୍ୟର ମାନ ଖରାପ ହେବ ଏବଂ କେତେ କ୍ଷେତ୍ରରେ କାର୍ଯ୍ୟ ମଧ ହୋଇପାରିବ ନାହିଁ, ବିଶେଷ କରି ଭୁବନେଶ୍ୱର ଓଡ଼ିଶାର ରାଜଧାନୀ ହୋଇଥିବାରୁ ତଥା ଏଠାରେ ବହୁ ଶିକ୍ଷିତ, ଗୁଣୀ, ଜ୍ଞାନୀ ଲୋକ ରହୁଥିବାରୁ ଅଟକଳ ମୂଲ୍ୟ ଠାରୁ ମନଇଚ୍ଛା କମ୍‌ରେ କାର୍ଯ୍ୟ ନେଇ ଠିକାଦାର କାମ କରିପାରିବେ ନାହିଁ, ତେଣୁ ଏ ବିଷୟରେ ପୁନଃବିଚାର କରିବା ତଥା ଭୁବନେଶ୍ୱର ମହାନଗର ନିଗମାଂଚଳରେ ସମ୍ପାଦନ ହେଉଥିବା କାର୍ଯ୍ୟ ପାଇଁ ଏହି ନିୟମ ଲାଗୁ ନକରିବା ପାଇଁ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗକୁ ଅନୁରୋଧ କରିବା ପାଇଁ ମାନନୀୟା ମେୟରଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରାଯିବ । ଏଥିରେ ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍‌ସ ଷ୍ଟାଣ୍ଡିଂ କମିଟିର ଅଧକ୍ଷ, ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର୍ ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଅଧକ୍ଷ, ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟିର ଅଧକ୍ଷ, ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟିର ଅଧକ୍ଷ, ଶ୍ରୀ ନୃପେଶ କୁମାର ନାୟକ କର୍ପୋରେଟର, ଶ୍ରୀ ସନ୍ତୋଷ କୁମାର ସିଂହ କର୍ପୋରେଟର, ମୁଖ୍ୟ ବିତ ଅଧିକାରୀ, ଉପ ଆୟୁକ୍ତ, ଆଇନ୍, ନଗର ଯନ୍ତ୍ରୀ ରହିବେ ଏବଂ ନିର୍ବାହୀ ଯନ୍ତ୍ରୀ ଟେଣ୍ଡର ସେଲ୍ ଆବାହକ ରହିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଅନନ୍ତ ବାସୁଦେବ ପୋଖରୀର ପ୍ରାଚୀର ୬ ଫୁଟ ନିର୍ମାଣ ସରିଅଛି, ପୁନଃବାର ୬ ଫୁଟ ପ୍ରାଚୀର ନିର୍ମାଣ ପାଇଁ ଟେଣ୍ଡର ହୋଇଥିଲା ତାହାକୁ ବନ୍ଦ କରି ସେହି ଅର୍ଥରେ Scope of work Change କରି ପେରିଫେରି ଉନ୍ନତି କାର୍ଯ୍ୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ବାଲି ଟ୍ରକ୍ କଭର୍ ନଦେଇ ଖୋଲା ଟ୍ରକ୍ ଆସୁଥିବାରୁ ରାସ୍ତାରେ ବାଲି ପଡୁଅଛି ତାହାକୁ ଭୁବନେଶ୍ୱର ମହାନଗର ନିଗମ ସଫା କରୁଅଛି, ତେଣୁ ଯେଉଁ ବାଲି ଗାଡ଼ି କଭର୍ ନଦେଇ ଭୁବନେଶ୍ୱର ମହାନଗର ନିଗମ ସହର ଭିତରକୁ ଆସୁଅଛି ତାହା ଉପରେ ଫାଇନ୍ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ ଗୁଡ଼ିକ ପବ୍ଲିକ୍ ୱାର୍କସ କମିଟିରେ ଅନୁମୋଦନ ହୋଇନଥିଲେ ଟେଣ୍ଡର ନଡ଼ାକିବା ପାଇଁ ସିଟି ଇଞ୍ଜିନିୟର୍ ଏବଂ ସେହି କାର୍ଯ୍ୟର ବିଲ୍ ପଇଠ ନକରିବା ପାଇଁ ମୁଖ୍ୟ ବିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଡ୍ରେନ୍ ନଂ-୬ କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଅଛି, ଯେଉଁ ୱାର୍ଡ଼ ମଧଦେଇ କାର୍ଯ୍ୟ କରାଯିବ ସେହି ୱାର୍ଡ଼ ଉଲ୍ଲେଖ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୬). ଷ୍ଟର୍ମ ୱାଟର୍ ମାଷ୍ଟରପ୍ଲାନ୍ ବିଷୟରେ ଜାଣିବା ପାଇଁ କମିଟି ମୁମ୍ବାଇ ସହର Exposure Visit ରେ ଯିବାପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧.୩୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ଶ୍ରୀଧର ବେହେରା
ସଭାପତି
ତା ୨୨.୦୧.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୨.୦୧.୨୦୨୬ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ରାମଚନ୍ଦ୍ର ରଣସିଂହ, ଚେୟାରମ୍ୟାନ୍,
୨. ଶ୍ରୀ ଲାଲମୋହନ ଟୁଡୁ,
୩. ଶ୍ରୀ ଅପରୂପ ନାରାୟଣ ରାଉତ,
୪. ଶ୍ରୀ ରଶ୍ମିରଞ୍ଜନ ପାଙ୍ଗଶାଣୀ

ଅଦ୍ୟ ତା ୨୨.୦୧.୨୦୨୬ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଏଜ୍ୟୁକେଶନ, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ରାମଚନ୍ଦ୍ର ରଣସିଂହ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ସୌନ୍ଦର୍ଯ୍ୟକରଣ ସ୍ଥଳ, ବିଭିନ୍ନ ଛକରେ ଥିବା ଗଛ, ଓଭରବ୍ରିଜ୍ ତଳେ ରହିଥିବା ଗଛରେ ପାଣି ଦେବାପାଇଁ ଆଉ ଗୋଟିଏ ୱାଟର୍ ଟ୍ୟାଙ୍କର୍ ବ୍ୟବସ୍ଥା କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଯେଉଁ ବିଦ୍ୟାଳୟ ଗୁଡ଼ିକ ପିଲା କମ୍ ଯୋଗୁଁ ବନ୍ଦ କରିଦେଇଛନ୍ତି ସେହି ବିଦ୍ୟାଳୟ ଗୃହ ଗୁଡ଼ିକ ଭୁବନେଶ୍ୱର ମହାନଗର ନିଗମକୁ ହସ୍ତାନ୍ତର କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା I.T ଗୃହ ନିକଟରେ ହୋଇଥିବା place making କରିଥିବା ସଂସ୍ଥା ଠିକ୍ ଭାବରେ ରକ୍ଷଣାବେକ୍ଷଣ କରୁନାହାଁନ୍ତି, ତେଣୁ ସମ୍ପୃକ୍ତ ସଂସ୍ଥାକୁ ଚିଠି କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୨୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ରାମଚନ୍ଦ୍ର ରଣସିଂହ
ସଭାପତି
ତା ୨୨.୦୧.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୨.୦୧.୨୦୨୬ ରିଖ

ସମୟ-ଅପରାହ୍ଣ ଘ.୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀମତୀ ମହାମାୟା ସ୍ୱାଇଁ, ଚେୟାର୍‌ପରସନ୍,
୨. ଶ୍ରୀମତୀ ସ୍ମୃତିଶିଖା ବରିସଲ,
୩. ସକିବା ମୁଶରତ୍,
୪. ପୂଜା ବେହେରା,
୫. ଶ୍ରୀମତୀ ସୁଷମା ସାହୁ,
୬. ଶ୍ରୀ ଅଜିତ୍ ବେହେରା

ଅଦ୍ୟ ତା ୨୨.୦୧.୨୦୨୬ ରିଖ ଅପରାହ୍ଣ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ମହାମାୟା ସ୍ୱାଇଁ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ମଣ୍ଡପ ବସ୍ତିର ଆଫୋଡ଼େବୁଲ୍ ଗୃହର ଅଧା ଥିବା କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଉଚ୍ଛେଦ ହୋଇଥିବା ବସ୍ତିବାସିନ୍ଦା ମାନଙ୍କୁ ସେମାନଙ୍କର କାଗଜାତ ଯାଂଚ୍ କରି ଆଫୋଡ଼େବୁଲ୍ ଗୃହ ଲଟେରୀ ମାଧ୍ୟମରେ ଆବଂଟନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ଣ ୫.୪୭ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ମହାମାୟା ସ୍ୱାଇଁ
ସଭାପତି
ତା ୨୨.୦୧.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୭.୦୧.୨୦୨୬ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

**ଉପସ୍ଥିତ ସଭ୍ୟ/ସଭ୍ୟା:-**

୧. ଶ୍ରୀମତୀ ସୁଲୋଚନା ଦାସ, ମେୟର-ତଥା-ଚେୟାରପରସନ୍,
୨. ଶ୍ରୀ ଚଞ୍ଚଳ ରାଣା, କମିଶନର
୩. ଶ୍ରୀମତୀ କେ. ଶାନ୍ତି, ସଭ୍ୟା
୪. ଶ୍ରୀମତୀ ଭାରତୀ ସିଂ, ସଭ୍ୟା
୫. ଶ୍ରୀମତୀ ପୁଷ୍ପାଞ୍ଜଳୀ ସେଠୀ, ସଭ୍ୟା
୬. ଶ୍ରୀ ଶ୍ରୀଧର ବେହେରା,
ଚେୟାର୍‌ମ୍ୟାନ୍, ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି

ଅଦ୍ୟ ତା ୨୭.୦୧.୨୦୨୬ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ସୁଲୋଚନା ଦାସ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. "Regular Repair & Maintenance of roads in Ward No.-9, 10 & 17 of Bhubaneswar Municipal Corporation area" ନିମନ୍ତେ ଭୁବନେଶ୍ୱର ମହାନଗର ନିଗମର Notice No.-BMC-EE-Tender Cell-27/2024-25 ତା ୦୯.୧୦.୨୦୨୪ ରିଖରେ ନିବିଦା ଆହ୍ୱାନ କରାଯାଇଥିଲା । ଏଥିରେ ୯ ଜଣ ଠିକାଦାର ଭାଗ ନେଇଥିଲେ । ତନ୍ମଧ୍ୟରୁ ଶ୍ରୀ ସପନ କୁମାର ଗନ୍ଧ ସର୍ବନିମ୍ନ ଦରଦାତା ହୋଇଥିଲେ । ଶ୍ରୀ ସପନ କୁମାର ଗନ୍ଧଙ୍କ ଦର ଟ୬୫,୮୬,୩୦୭/-ଙ୍କା (GST-୧୮% ସମେତ) ଯାହାକି ଅଟକଳ ମୂଲ୍ୟ ଟ୭୭,୪୭,୬୮୫/- (GST-୧୮% ସମେତ) ଠାରୁ (-) ୧୪.୯୯% କମ୍ ଅଟେ । କାର୍ଯ୍ୟାଳୟ ପତ୍ରସଂଖ୍ୟା-୬୫୭୪ ତା ୩୧.୦୭.୨୦୨୫ ରିଖ ଅନୁଯାୟୀ ଠିକାଦାର ଆବଶ୍ୟକୀୟ APS ଟ ୧୪,୭୬,୫୦୦/-ଙ୍କା ଜମା କରିଛନ୍ତି । କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ପତ୍ରସଂଖ୍ୟା-୭୩୩୫ ତା ୨୬.୦୮.୨୦୨୫ ରିଖରେ ଠିକାଦାରଙ୍କୁ Letter of Acceptance (LOA) ପ୍ରଦାନ କରାଯାଇଅଛି । ଉପରୋକ୍ତ ପ୍ରକଳ୍ପଟିକୁ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ Maintenance/infrastructure ଯୋଜନା ଅଧିନରେ ବୁକ୍ କରାଯାଇଅଛି, ଯାହାର ପରିମାଣ ଟ ୭୭,୪୭,୦୦୦/-ଙ୍କା (GST-୧୮% ସହିତ) ଅଟେ । ଉପରୋକ୍ତ କାର୍ଯ୍ୟ ନିମନ୍ତେ ଶ୍ରୀ ସପନ କୁମାର ଗନ୍ଧଙ୍କର ଦର ଟ୬୫,୮୬,୩୦୭/-ଙ୍କା କୁ ଗ୍ରହଣ/ଅନୁମୋଦନ ସମ୍ପର୍କରେ କମିଟିଙ୍କ ବିଚାର:- ନଥି ନଂ- XXIX-PW-Div.-I-1511/2024 ଟିପ୍ପଣୀ ପୃଷ୍ଠା-୧ ରୁ ୧୫ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୧. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରକାଶ ଥାଉକି, ଉକ୍ତ କାର୍ଯ୍ୟ କେଉଁଠାରେ ସମ୍ପାଦନ କରାଯାଇଅଛି ତାହାର ତଥ୍ୟ ଆଂଚଳିକ ଅଧିକାରୀ ଉତର ଓ ନିର୍ବାହୀ ଯନ୍ତ୍ରୀ, ଖଣ୍ଡ-୧ ଦେବେ ଏବଂ କାର୍ଯ୍ୟସ୍ଥଳ ମାନନୀୟା ମେୟର ଦେଖିବା ପରେ ବିଲ୍ ପଇଠ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ମହାନଗର ନିଗମାଂଚଳରେ ଥିବା ରାସ୍ତା ଗୁଡ଼ିକ TPCODL, WATCO ଏବଂ Gail India ସେମାନଙ୍କ ପାଇପ୍ ପକାଇବା ପାଇଁ ରାସ୍ତା ଖୋଳି ଖରାପ କରୁଛନ୍ତି, ନୂଆ କାମ ହୋଇଥିଲେ ମଧ ରାସ୍ତା ଖୋଳି ଦେଉଛନ୍ତି । ଯେଉଁ ରାସ୍ତା ମରାମତି କାର୍ଯ୍ୟ କରୁଛନ୍ତି ସେଗୁଡ଼ିକ ବହୁ ନିମ୍ନମାନର ହେଉଅଛି ଓ ବହୁ ବିଳମ୍ବରେ କାର୍ଯ୍ୟ କରୁଛନ୍ତି, ଫଳରେ ଜନସାଧାରଣ ଯାତାୟତରେ ଅସୁବିଧା ହେଉଅଛି, ତେଣୁ ସେମାନେ ଯେଉଁ ରାସ୍ତା ଖୋଳିବେ ବର୍ଷକର Plan & Project ବିଷୟରେ ଭୁବନେଶ୍ୱର ମହାନଗର ନିଗମକୁ ଜଣାଇବେ ଏବଂ ଯେଉଁସବୁ ରାସ୍ତା ଖୋଳିବେ ସେହି ରାସ୍ତା କାର୍ଯ୍ୟ ପାଇଁ ଯାହା ଖର୍ଚ୍ଚ ହେବ ସମ୍ପୂର୍ଣ୍ଣ ଅର୍ଥ ନିଗମରେ ପଇଠ କଲାପରେ ତାହାକୁ ଅନୁମତି ଦିଆଯିବ ଓ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ସେମାନେ ଭୁବନେଶ୍ୱର ମହାନଗର ନିଗମକୁ ଜଣାଇବେ । ସେମାନେ ଦାଖଲ କରିଥିବା ଅର୍ଥରେ ଏହି ରାସ୍ତା କାର୍ଯ୍ୟ କରିବା ପାଇଁ ତିନି ଗୋଟି ଜୋନ୍ ପାଇଁ ଠିକାଦାର Empanelment କରାଯିବ । କାର୍ଯ୍ୟ ଶେଷ ହେବାପରେ ସଙ୍ଗେ ସଙ୍ଗେ ଏହି ଠିକାଦାର ମାନଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୨.	ଭୁବନେଶ୍ୱର ମହାନଗର ନିଗମାଂଚଳର ନିମ୍ନବର୍ଣ୍ଣିତ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇ କାର୍ଯ୍ୟ ସମ୍ପାଦନ କରାଯିବା ସମୟରେ କେତେକ Item, modification ଆଦି ପରିବର୍ତ୍ତନର ଆବଶ୍ୟକ ପଡ଼ିବାରୁ ରିଭାଇଜଡ଼ି ଅଟକଳ ପ୍ରସ୍ତୁତ କରାଯାଇ ସମ୍ପୃକ୍ତ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନ କରାଯାଇଅଛି । ଏହାର କାର୍ଯ୍ୟୋତର ଅନୁମୋଦନ ସମ୍ପର୍କରେ କମିଟିଙ୍କ ବିଚାର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ରିଭାଇଜଡ଼ି ଅଟକଳ |
|---|---|---|---|
| 1. | Constn. of Ward Office in W.No.-48<br>File No.-XXIX-Div.-II-1370/2022 | Rs.41,02,022/- | Rs.44,21,487/- |
| 2. | Constn. of Ward Office in W.No.-62<br>File No.-XXIX-Div.-II-1363/2022 | Rs.41,07,893/- | Rs.43,60,191/- |

ନିର୍ଦ୍ଧାରଣ-୨.	ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ-୧ ରେ ଉଲ୍ଲିଖିତ କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ରିଭାଇଜଡ଼ି ଅଟକଳ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ-୨ ରେ ଉଲ୍ଲିଖିତ କାର୍ଯ୍ୟର ରିଭାଇଜଡ଼ି ଅଟକଳ ସ୍ଥଗିତ ରଖିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୩.	ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ସଂଗୃହୀତ ହେଉଥିବା ବର୍ଜ୍ୟଗୁଡ଼ିକୁ Decentralize ପଦ୍ଧତିରେ ମାଧମରେ ୱେଲଥ ସେଂଟର ଗୁଡ଼ିକରେ ପ୍ରକ୍ରିୟାକରଣ କରାଯାଉଛି । ବଳକା ବର୍ଜ୍ୟବସ୍ତୁ ଗୁଡ଼ିକୁ ପଳାଶୁଣୀ ଓ ଟି.ଟି.ଏସ୍ କୁ ପ୍ରକ୍ରିୟାକରଣ କରିବା ପାଇଁ ପଠାଯାଉଛି । ଏହିପରି ବିଭିନ୍ନ ପ୍ରକ୍ରିୟାକରଣ ମାଧମରେ ଉପୁଜୁଥିବା RDF ଗୁଡ଼ିକର kiln ମାଧମରେ Co-processing କରାଯିବା ନିମନ୍ତେ ବ୍ୟବସ୍ଥା ଅଛି । ଏହାକୁ ଭିତିକରି ଏକ Expression of interest vide No.-61027 ତା ୦୨.୧୨.୨୦୨୫ ରିଖରେ ଟେଣ୍ଡର ଡ଼କାଯାଇଥିଲା । ଏହି ଟେଣ୍ଡର ପ୍ରକ୍ରିୟାରେ ସମୁଦାୟ ୪ ଜଣ ଆବେଦନକାରୀ ଅଂଶଗ୍ରହଣ କରିଥିଲେ । ତା୨୪.୧୨.୨୦୨୫ ରିଖରେ ଏହି ଏଜେନ୍ସି ଗୁଡ଼ିକର ନିବିଦା ଦସ୍ତାବିଜ୍ (Tender document) ଗୁଡ଼ିକର ଟେଣ୍ଡର କମିଟି ଦ୍ୱାରା ମୂଲ୍ୟାଙ୍କନ କରାଯାଇଥିଲା । ଏହି ଚାରି ଗୋଟି ଏଜେନ୍ସିଙ୍କ ମଧ୍ୟରୁ ୩ ଗୋଟି ଏଜେନ୍ସି ଯଥା:- M/s MGS Environ Pvt. Ltd., M/s Dalmia Cement (Bharat) Ltd. ଏବଂ M/s Zerotrash Innovations LLP ଟେଣ୍ଡର ଯୋଗ୍ୟତା ମାନଦଣ୍ଡ (Eligibility criteria) ଅନୁସାରେ ସଠିକ୍ ସାବ୍ୟସ୍ତ ହୋଇଥିଲେ ଏବଂ M/s Mercantile Pvt. Ltd. ଟେଣ୍ଡର ଡ଼କ୍ୟୁମେଂଟରେ ତ୍ରୁଟି ରହିଥିବା ହେତୁ ଟେଣ୍ଡର କମିଟି ଦ୍ୱାରା ଖାରଜ ହୋଇଯାଇଥିଲା । ପରବର୍ତୀ ସମୟରେ ତା ୦୫.୦୧.୨୦୨୬ ରିଖରେ ତିନି ଗୋଟି ଏଜେନ୍ସିର Financial Bid ଖୋଲାଯାଇଥିଲା । ଏହି ତିନି ଗୋଟି ଏଜେନ୍ସି ମଧ୍ୟରୁ M/s MGS Environ Pvt. Ltd., Lowest rate quote କରିଥିଲେ । ରେଟ୍ ଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା ।

| Sl. No. | Name of the Bidder | Quoted Rate (Rs. Per MT) | Rank |
|---|---|---|---|
| 1 | M/s MGS Environ Pvt. Ltd. | Rs.675/- | L1 |
| 2 | M/s Dalmia Cement (Bharat) Ltd. | Rs.1,190/- | L2 |
| 3 | M/s Zerotrash Innovations LLP | Rs.1,490/- | L3 |

ଏହି L-1 ଏଜେନ୍ସି M/s MGS Environ Pvt. Ltd. ର ଉପସ୍ଥିତ ପ୍ରତିନିଧିଙ୍କୁ Negotiation କରିବା ପାଇଁ କମିଟି ପକ୍ଷରୁ କୁହାଯାଇଥିଲା । M/s MGS Environ Pvt. Ltd. ଏହି ପ୍ରସ୍ତାବରେ ରାଜି ହୋଇଥିଲେ ଏବଂ Negotiation Rate Rs. 670/- per MT ଫାଇନାଲ୍ କରାଯାଇଥିଲା । ନଥି ନଂ- XXXXX-II-SWMPMU-130/2023-24 ଟିପ୍ପଣୀ ୧୩୮ ରୁ ୧୪୫ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ M/s MGS Environ Pvt. Ltd. ଙ୍କ ଦର MT ପ୍ରତି ଟ୬୭୦/- ମାତ୍ରରେ ଗ୍ରହଣ/ ଅନୁମୋଦନ ସମ୍ପର୍କରେ କମିଟିଙ୍କ ବିଚାର :-

ନିର୍ଦ୍ଧାରଣ-୩.	ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରକାଶ ଥାଉକି, L-1 Bidder ସିଧା ନିର୍ଦ୍ଧାରିତ ସ୍ଥାନକୁ ନେବେ, କେବେହେଲେ କେଉଁଠାରେ ବାଟରେ ପକାଇବେ ନାହିଁ, ଯଦି ପକାଇବେ ତେବେ ତାଙ୍କର ମାସକର ଅର୍ଥ କଟାଯିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୪.	ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଜାମୁକୋଳି ଠାରେ ଥିବା ଗୋଶାଳା ଠାରେ ଏକ ଗୃହ ନିର୍ମାଣ ନିମନ୍ତେ ଏକ ସବିଶେଷ ଚିଠା ତାଲିକା ପ୍ରସ୍ତୁତ କରିବା ପାଇଁ ଉକ୍ତ ଜାଗା ଏବଂ ମାଟିର ସର୍ବେକ୍ଷଣ କରିବା ପାଇଁ ସମ୍ପୃକ୍ତ ସହାୟକ ଯନ୍ତ୍ରୀ ଏକ ପ୍ରସ୍ତାବ ଦେଇଥିଲେ । ଉକ୍ତ ପ୍ରସ୍ତାବ ଅନୁଯାୟୀ ଉକ୍ତ ସର୍ବେକ୍ଷଣ ପାଇଁ ଆନୁମାନିକ ଟ ୭,୫୬,୬୨୪/-ଙ୍କା ଖର୍ଚ୍ଚ ହୋଇପାରେ । ଏଥିପାଇଁ ପୂର୍ବରୁ ପାଣ୍ଡରା ମାଛ ମାର୍କେଟ୍‌ର ସର୍ବେକ୍ଷଣ କରିଥିବା ମେସର୍ସ ସାଇ କନ୍‌ସଲ୍‌ଟାନ୍ସିଙ୍କୁ ଦିଆଯାଇଥିଲା । ଏଣୁ ଉକ୍ତ କାର୍ଯ୍ୟ ପାଇଁ ସର୍ବେକ୍ଷଣ କାର୍ଯ୍ୟକୁ ଅନୁମୋଦନ ନିମନ୍ତେ କମିଟିଙ୍କ ବିଚାର:- ନଥି ନଂ- XXIX-Div.-II-148/2025 ରେ ଟିପ୍ପଣୀ ପୃଷ୍ଠା-୧୦ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୪.	ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୫. ଭୁବନେଶ୍ୱର ମହାନଗର ନିଗମାଂଚଳର ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣାକୃତ ଦର OPWD Code ଅନୁଯାୟୀ ସର୍ତ୍ତମୂଳକ ଭାବେ ଗ୍ରହଣ/ ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଚାର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ କମ୍ % |
|---|---|---|---|---|---|
| 1. | Construction of RCC box cell culvert from NH towards natural nalla (Nayanjori) Raghunath Nagar in W.No.-66 File No.-XXXXXV-(D)-20/2025 | Rs.3,97,35,361/- | Rs.3,37,79,030/- | Sakti Prasad Das | 14.99 UNNATI Fund |
| 2. | Constn. of RCC box drain at Panchasakha Nagar in W.No.-64 File No.-XXXXXV-(D)-21/2025 | Rs.1,15,00,638/- | Rs.97,76,693/- | Dipak Ku. Nayak | 14.99 UNNATI Fund |
| 3. | Constn. of Internal drain of park lane Khandagiri besides NH-16 and from Satya Sai Enclave to Brundaban Garden to Drain No.-09 including integration of internal drain in Ward No.-49 File No.-XXXXXV-(D)-549/2024 | Rs.70,00,047/- | Rs.59,50,740/- | Rohini Nandan Behera | 14.99 Storm Water Drain Fund |

ନିର୍ଦ୍ଧାରଣ-୫. ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ-୧ ରେ ଉଲ୍ଲିଖିତ କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ମତେ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ଦର ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୨୭୬୭-1(c) ତା ୨୨.୦୫.୨୦୧୮ ରିଖ-ତଥା-OPWD Code ସର୍ତ୍ତ ଅନୁଯାୟୀ ଗ୍ରହଣ/ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ କର୍ପୋରେସନଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ-୨ ଓ ୩ ରେ ଉଲ୍ଲିଖିତ କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ମତେ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ଦର ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୨୭୬୭-1(b) ତା ୨୨.୦୫.୨୦୧୮ ରିଖ-ତଥା- OPWD Code ଅନୁଯାୟୀ ସର୍ତ୍ତମୂଳକ ଭାବେ ସର୍ବ ସମ୍ମତିକ୍ରମେ ଗ୍ରହଣ/ଅନୁମୋଦନ କରାଗଲା ।

ପ୍ରସ୍ତାବ-୬. ଭୁବନେଶ୍ୱର ମହାନଗର ନିଗମ ଅଧିନରେ ସଫେଇ କାର୍ଯ୍ୟ କରୁଥିବା କର୍ମଚାରୀ ମାନଙ୍କ ବିଶ୍ରାମ ଓ ଅନ୍ୟାନ୍ୟ ସୁବିଧା ନିମନ୍ତେ ୱାର୍ଡ଼ ନଂ-୬,୨୩ ଓ ୩୦ ରେ ୧(ଏକ) ବର୍ଷର ୱାରେଂଟି ସହିତ ୩ ଗୋଟି ପୋର୍ଟା କ୍ୟାବିନ୍ (Porta Cabin) ର ସପ୍ଲାୟ, ସ୍ଥାପନ ଓ କମିଶନିଂ କାର୍ଯ୍ୟ ପାଇଁ Quotation Call Notice ନଂ-୫୪୮୭୪ ତା ୦୩.୧୧.୨୦୨୫ ରିଖରେ ଜାରି କରାଯାଇଥିଲା । ଉକ୍ତ ନୋଟିସ୍ ଅନୁଯାୟୀ M/s. S. Saha & Co. ଓ M/s. MT Portable Cabin Solution Pvt. Ltd.- ଏହି ଦୁଇଟି ଏଜେନ୍ସି ଡ଼କ୍ୟୁମେଂଟ ଦାଖଲ କରିଥିଲେ । ପ୍ରାପ୍ତ ଡ଼କ୍ୟୁମେଂଟ ଗୁଡ଼ିକର Technical Proposal ଗୁଡ଼ିକ ତା ୧୫.୧୨.୨୦୨୫ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ଗଠିତ ଟେଣ୍ଡର କମିଟି, ଭୁବନେଶ୍ୱର ମହାନଗର ନିଗମ ଓ ସମ୍ପୃକ୍ତ ଏଜେନ୍ସି ପ୍ରତିନିଧିମାନଙ୍କ ଉପସ୍ଥିତିରେ ଖୋଲାଯାଇଥିଲା । ପରବର୍ତ୍ତୀ ସମୟରେ ଏହାର Technical Evaluation କରାଯାଇ ଉକ୍ତ ଦୁଇଟି ଏଜେନ୍ସିକୁ Financial Proposal ଖୋଲିବା ପାଇଁ ଯୋଗ୍ୟ ଘୋଷଣା କରାଯାଇଥିଲା । ଏହି ଦୁଇଟି ଏଜେନ୍ସିଙ୍କର Financial Proposal ତା ୨୬.୧୨.୨୦୨୫ ରିଖ ଅପରାହ୍ନ ୫ଘଟିକା ସମୟରେ ଟେଣ୍ଡର କମିଟି ଦ୍ୱାରା ଖୋଲାଯାଇଥିଲା । ଆର୍ଥିକ ମୂଲ୍ୟାଙ୍କନ ଅନୁସାରେ M/s. S. Saha & Co. ମୋଟ ଟ୧୭,୪୯,୬୮୦/-ଙ୍କା (ଜି.ଏସ୍.ଟି ସହିତ) ଦର ଦାଖଲ କରି L-2 ଭାବେ ଶ୍ରେଣୀଭୁକ୍ତ ହୋଇଛନ୍ତି ଏବଂ M/s. MT Portable Cabin Solution Pvt. Ltd. ମୋଟ ଟ ୧୧,୩୨,୮୦୦/-ଙ୍କା (ଜି.ଏସ୍.ଟି ସହିତ) ସବୁଠାରୁ କମ୍ ଦର ଦାଖଲ କରି L-1 ଭାବେ ଘୋଷିତ ହୋଇଛନ୍ତି । Quotation Call Notice ର ନିୟମ ଓ ସର୍ତ୍ତ ଅନୁଯାୟୀ ଉକ୍ତ କାର୍ଯ୍ୟଟି M/s. MT Portable Cabin Solution Pvt. Ltd. ଙ୍କୁ ପତ୍ରସଂଖ୍ୟା-୭୩୭ ତା ୦୫.୦୧.୨୦୨୬ ରିଖରେ LOA ପ୍ରଦାନ କରାଯାଇଅଛି । ଏହାର କାର୍ଯ୍ୟୋତର ଅନୁମୋଦନ ସମ୍ପର୍କରେ କମିଟିଙ୍କ ବିଚାର:- ନଥି ନଂ-XXXXX-II-SWMPMU-173/2025 ଟିପ୍ପଣୀ ପୃଷ୍ଠା-୧ ରୁ ୨୩ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୬. ସର୍ବ ସମ୍ମତିକ୍ରମେ ଏ ପ୍ରସ୍ତାବର କାର୍ଯ୍ୟୋତର ଅନୁମୋଦନ କରାଗଲା ।

ପ୍ରସ୍ତାବ-୭. ଭୁବନେଶ୍ୱର ମହାନଗର ନିଗମର ପଳାଶୁଣୀରେ ଥିବା ପେଟ୍ କ୍ରିମାଟୋରିୟମ୍ ସ୍ଥାନଟି ଦୀର୍ଘ ସମୟ ଧରି ଖାଲି ଓ ଅସମତଳ ଅବସ୍ଥାରେ ରହିଅଛି, ତେଣୁ ବର୍ଷାଦିନେ ସେଠାରେ ପାଣି ଜମି ରହୁଅଛି ଯାହା ଫଳରେ ପେଟ୍ କ୍ରିମାଟୋରିୟମ୍ ସମ୍ମୁଖରେ ଅନ୍ୟାନ୍ୟ ଉନ୍ନତିକରଣ କାର୍ଯ୍ୟ କରିବାରେ ଅସୁବିଧା ସୃଷ୍ଟି ହେଉଅଛି, ତେଣୁ ଏହି କାରଣରୁ ଉକ୍ତ ସ୍ଥାନରେ ଗୁଡ୍ ଆର୍ଥ ମାଧମରେ ପୂରଣ କାର୍ଯ୍ୟ କରାଯାଇ ସେହି ସ୍ଥାନକୁ ସମତଳ କରାଯିବା ସ୍ଥଳ ଉନ୍ନତିକରଣ ପରେ ଏହାକୁ ସୁରକ୍ଷିତ, ସ୍ୱଚ୍ଛ ଏବଂ ବ୍ୟବହାରଯୋଗ୍ୟ କରାଯିବ, ଯାହା ଦ୍ୱାରା ପେଟ୍ କ୍ରିମାଟୋରିୟମ୍ ସହ ସମ୍ପୃକ୍ତ କାର୍ଯ୍ୟ ସୁଚାରୁ ଭାବେ ସମ୍ପାଦିତ ହେବ । ପେଟ୍ କ୍ରିମାଟୋରିୟମ୍ ସମ୍ମୁଖରେ ବିଗତ ଦିନରେ କିପରି ଅନ୍ୟାନ୍ୟ

ଉନ୍ନତିକରଣ କାର୍ଯ୍ୟ କରିହେବ ଓ କୌଣସି ଅସୁବିଧା ସୃଷ୍ଟି ନହେବାକୁ ଦୃଷ୍ଟିରେ ରଖି Tender Cell, BMC vide Bid Ref. No.-BMC-EE-Tender Cell No.-46/2025-26 ତା ୨୭.୧୧.୨୦୨୫ ରିଖ ଓ ଇ-ପ୍ରୋକ୍ୟୁରମେଂଟ ନୋଟିସ୍ ନଂ-୫୯୯୦୨ ତା ୨୭.୧୧.୨୦୨୫ ରିଖରେ ଅନ୍‌ଲାଇନ୍ ଟେଣ୍ଡର ଆହ୍ୱାନ କରାଯାଇଥିଲା ଏବଂ ଟେଣ୍ଡରରେ ନିମ୍ନବର୍ଣ୍ଣିତ ମତେ ୫ ଜଣ ବିଡ଼ର୍‌ସ ଅଂଶଗ୍ରହଣ କରିଥିଲେ :-

1-Saumya Ranjan Mohanty, 2-Byasadev Projects Pvt. Ltd.. 3-M/s. Omm Sai Associates (SC), 4-Amaresh Sahoo, 5-OD9 Mining and Constn. Pvt. Ltd.

ଏହି ୫ ଜଣ ବିଡ଼ର୍ Technical Evolution ମାଧମରେ ଚୟନ ହୋଇଥିଲେ ଯାହାର ଫାଇନାନ୍‌ସିଆଲ୍ ବିଡ୍ ତା ୦୬.୦୧.୨୦୨୬ ରିଖରେ ଇ-ପ୍ରୋକ୍ୟୁରମେଂଟ ପୋର୍ଟାଲରେ ଖୋଲାଯାଇଥିଲା । ସେମାନଙ୍କର Financial quoted rate ନିମ୍ନବତ୍ ଅଟେ :-

| Sl.No. | Name of the Bidder | Amount put to tender (In Rs.) | Quoted Percentage | Quoted Rate (In Rs.) |
|---|---|---|---|---|
| 1 | Saumya Ranjan Mohanty | Rs.80,92,241.75 | -14.99% | Rs.68,79,214.71 |
| 2 | Byasadev Projects Pvt. Ltd. | | -14.99% | Rs.68,79,214.71 |
| 3 | M/s. Omm Sai Associates (SC) | | -14.99% | Rs.68,79,214.71 |
| 4 | OD9 Mining and Constn. Pvt. Ltd. | | -14.99% | Rs.68,79,214.71 |

ସମସ୍ତ ଠିକାଦାରଙ୍କ ଦର ସମାନ ହୋଇଥିବାରୁ ତା ୦୮.୦୧.୨୦୨୬ ରିଖରେ Tender Official ଙ୍କ ଉପସ୍ଥିତିରେ ଲଟେରୀ କରାଯାଇଥିଲା । ଏହି ଲଟେରୀ ପ୍ରୋସେସ୍‌ରେ **OD9 Mining and Constn. Pvt. Ltd.** ଚୟନ ହୋଇଥିଲେ ଏବଂ ଏହି ବିଡ଼ର୍ ଟ୬୮,୭୯,୨୧୪.୭୧ ପଇସା ଯାହାକି ୧୪.୯୯% ଲେସ୍‌ରେ Lowest Bidder ହୋଇଥିବାରୁ ଏହାର ଗ୍ରହଣ/ଅନୁମୋଦନ ସମ୍ପର୍କରେ କମିଟିଙ୍କ ବିଚ୍ଚର :- ନଥି ନଂ- XXXXX-II-SWMPMU-253/2025 ଟିପ୍ପଣୀ ପୃଷ୍ଠା- ୧ ରୁ ୨୪ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭. ଏ ପ୍ରସ୍ତାବ ବର୍ଣ୍ଣିତ ମତେ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ଦର ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୨୭୬୭-1(b) ତା ୨୨.୦୫.୨୦୧୮ ରିଖ-ତଥା- OPWD Code ଅନୁଯାୟୀ ସର୍ତମୂଳକ ଭାବେ ସର୍ବ ସମ୍ମତିକ୍ରମେ ଗ୍ରହଣ/ଅନୁମୋଦନ କରାଗଲା ।

ପ୍ରସ୍ତାବ-୮. ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ପ୍ରାୟ ୩୬୦ କି.ମି. ଲମ୍ବା ଡ୍ରେନ୍ ସଫେଇ ପାଇଁ ନିଯୁକ୍ତ ଏଜେନ୍ସିମାନେ ବର୍ଷା ଶେଷ ପରେ ବକେୟା ଥିବା ସମସ୍ତ ଡ୍ରେନ୍ ପରିଷ୍କାର କାର୍ଯ୍ୟ ସମ୍ପୂର୍ଣ୍ଣ କରିବେ ଏବଂ ସମଗ୍ର ସ୍ଲେଚ୍ ମଧ ସଫା କରିବେ, ଏ ସମ୍ବନ୍ଧିତ ଇଂଚ୍ଚର୍ଜ ଇଞ୍ଜିନିୟର୍ ଶେଷ ବିଲ୍ ପ୍ରସ୍ତୁତି ପୂର୍ବରୁ ସମସ୍ତ ସ୍ଲେଚ୍ ପରିଷ୍କାର ହୋଇଥିବାର ନିଶ୍ଚିତ କରିବେ । ବକେୟା ବିଲ୍ ଗୁଡ଼ିକର ଅର୍ଥ ବି.ଏମ୍.ସି ପାଣ୍ଠିରୁ ଅନ୍ତର୍କାଳୀନ ଭାବେ ପ୍ରଦାନ କରାଯିବ, ପରେ ରାଜ୍ୟ ସରକାରଙ୍କ ଠାରୁ ଅର୍ଥ ପ୍ରାପ୍ତି ସହ ସମନ୍ୱୟ କରାଯାଇ ଉକ୍ତ ଅର୍ଥ ନିଗମ ପାଣ୍ଠିରେ ଭରଣା କରିବା ଓ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଏହି କାର୍ଯ୍ୟ ପାଇଁ ଆବଶ୍ୟକ ଅର୍ଥ ଯୋଗାଣ ବିଷୟରେ H & UD ବିଭାଗକୁ ପ୍ରାଥମିକତା ଭିତିରେ ପ୍ରସ୍ତାବ ପ୍ରେରଣ କରାଯିବା ଓ ଶୀଘ୍ର ଟେଣ୍ଡର ଡ଼ାକିବା ସମ୍ପର୍କରେ କମିଟିଙ୍କ ବିଚ୍ଚର :- ନଥି ନଂ- XXXXXV-(D)-364/2024

ନିର୍ଦ୍ଧାରଣ-୮. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୯. ଭୁବନେଶ୍ୱର ମହାନଗର ନିଗମର ବିଦ୍ୟୁତ୍ ଉପବିଭାଗରେ ଥିବା Hydraulic Ladders ଫିଟ୍ ନଥିବାରୁ ଏବଂ ମରାମତି ଯୋଗ୍ୟ ହେଉନଥିବାରୁ ଜରୁରୀ ସେବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଦୈନନ୍ଦିନ କାର୍ଯ୍ୟର ପରିଚ୍ଚଳନା ପାଇଁ ଦୁଇ ଗୋଟି Bolero pik-up mounted Hydraulic Ladder ଭଡ଼ା ସୂତ୍ରରେ ନିୟୋଜନ କରିବା ପାଇଁ କୌଣସି ଅନୁମୋଦିତ ଦର ନଥିବାରୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ ବୈଷୟିକ କମିଟି ଗଠନ କରାଯାଇ ମାସିକ ଟ ୧,୦୮,୭୨୦/-ଙ୍କା ଧାର୍ଯ୍ୟ କରାଯାଇଅଛି (ଜି.ଏସ୍.ଟି ବ୍ୟତୀତ) ଏବଂ ଏଥିପାଇଁ ଏଜେନ୍ସି ଚୟନ ନିମନ୍ତେ କୋଟେସନ୍ ଆହ୍ୱାନ କରାଯାଇଥିଲା । ଏଥିରେ ତିନି ଗୋଟି ସଂସ୍ଥା ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରୁ M/s. Sheranwali Infrastructure Pvt. Ltd. ସର୍ବନିମ୍ନ ଦର ମାସିକ ଟ ୧,୦୨,୦୦୦/-ଙ୍କା ଦାଖଲ କରିଛନ୍ତି । ନଥି ନଂ- XXXVI-(vehicle)-164/2025 ଟିପ୍ପଣୀ- ୧ ରୁ ୬ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ସର୍ବନିମ୍ନ ଦରଦାତା M/s. Sheranwali Infrastructure Pvt. Ltd. ଙ୍କ ସର୍ବନିମ୍ନ ଦର ଟ ୧,୦୨,୦୦୦/-ଙ୍କା ଗ୍ରହଣ/ଅନୁମୋଦନ ସହିତ ଜି.ଏସ୍.ଟି ପ୍ରଦାନ ଓ ଦୈନିକ ୮ ଘଂଟା ପାଇଁ ତେଲ ଦେଇ ପ୍ରାଥମିକ ଭାବେ ତିନି ମାସ ନିମନ୍ତେ ନିୟୋଜନ କରିବା ସମ୍ପର୍କରେ କମିଟିଙ୍କ ବିଚ୍ଚର :-

ନିର୍ଦ୍ଧାରଣ-୯. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧.୫୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ସୁଲୋଚନା ଦାସ
ସଭାପତି
ତା ୨୭.୦୧.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୧.୦୧.୨୦୨୬ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ଦୀପକ କୁମାର ମିଶ୍ର, ଚେୟାରମ୍ୟାନ୍,
୨. ଶ୍ରୀ କୁମାରେନ୍ଦ୍ର ମହାପାତ୍ର,
୩. ଶ୍ରୀମତୀ ଲକ୍ଷ୍ମୀପ୍ରିୟା ପରିଡ଼ା

ଅଦ୍ୟ ତା ୨୧.୦୧.୨୦୨୬ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଦୀପକ କୁମାର ମିଶ୍ର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଆଉଟ୍‌ସୋର୍ସିଂ ଏଜେନ୍ସି ମେସର୍ସ ସୈନିକ ଇଂଟେଲିଜେନ୍ସ ଆଣ୍ଡ୍ ସିକ୍ୟୁରିଟି ପ୍ରାଇଭେଟ୍ ଲିମିଟେଡ୍ ମାଧ୍ୟମରେ ପ୍ଲାନିଙ୍ଗ୍ ସେଲ୍, ବି.ଏମ୍.ସି ରେ ଚାରି ଜଣ ଯୋଜନା ସହାୟକ ଏବଂ ଜଣେ ଅମିନଙ୍କୁ ନିୟୋଜିତ କରାଯାଇଛି ଏବଂ ଏଜେନ୍ସି ସହିତ ଏକ ଚୁକ୍ତିନାମା କରାଯାଇଛି । ଶେଷ ଥର ପାଇଁ ଏହି କାର୍ଯ୍ୟନିର୍ବାହ ତା ୩୦.୧୧.୨୦୨୩ ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା ଏବଂ ମାନନୀୟା ମେୟରଙ୍କ ଆଦେଶ ମତେ ଯୋଜନା ବିଭାଗକୁ ଉପରୋକ୍ତ ବୈଷୟିକ ମାନବଶକ୍ତି ପ୍ରଦାନ କରିବା ପାଇଁ ଆଉଟ୍‌ସୋର୍ସିଂ ଏଜେନ୍ସି ସହିତ ଚୁକ୍ତିନାମା ବୃଦ୍ଧି କରାଯାଇପାରିବା ପାଇଁ କାର୍ଯ୍ୟାଳୟ ପତ୍ରସଂଖ୍ୟା-୬୨୪୬୩ ତା ୨୭.୧୨.୨୦୨୩ ରିଖ ମାଧ୍ୟମରେ ଏଜେନ୍ସିକୁ ସୂଚିତ କରାଯାଇଥିଲା । ତା ୩୦.୧୧.୨୦୨୩ ରିଖ ପରେ କୌଣସି ଚୁକ୍ତିନାମା ସ୍ୱାକ୍ଷରିତ ହୋଇନଥିବାରୁ CFO ଙ୍କ ଦ୍ୱାରା ଉଠାଯାଇଥିବା ଆପତ୍ତି ଅନୁଯାୟୀ ଏହା ସ୍ୱାକ୍ଷରିତ ହୋଇପାରେ । ଏକ ନୂତନ ଏଜେନ୍ସିକୁ ଚୂଡ଼ାନ୍ତ କରିବା ପାଇଁ ପଦକ୍ଷେପ ନିଆଯାଇପାରେ ଏବଂ ସେପର୍ଯ୍ୟନ୍ତ ଯୋଜନା ବିଭାଗରେ ଥିବା ମାନବ ଶକ୍ତି ୩(ତିନି) ଯୋଜନା ସହାୟକ ଏବଂ ଜଣେ ଅମିନଙ୍କୁ ବର୍ତ୍ତମାନ ମାନବ ସମ୍ବଳ ଯୋଗାଣକାରୀ ସଂସ୍ଥା ମାଧ୍ୟମରେ ନିଯୁକ୍ତ କରାଯାଇପାରିବ ଏବଂ ଏହି ମାନବ ଶକ୍ତି ଜାରି ରଖିବା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗକୁ ଅନୁମୋଦନ ନିମନ୍ତେ ପଠାଇବା ପାଇଁ କମିଟିଙ୍କ ବିଚାର:- ନଥି ନଂ-XXIII-Gen.misc.-266/2026

ନିର୍ଦ୍ଧାରଣ-୧. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୨. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୨(୧). ଭୁବନେଶ୍ୱର ମହାନଗର ନିଗମ ପରିଚାଳିତ ସତ୍ୟନଗର, ଧର୍ମ ବିହାର ଓ ଆଇଗିଣିଆ ସ୍ଥିତ ଶ୍ମଶାନ ଗୁଡ଼ିକରେ ୪ ଜଣ ଡ଼ି.ଇ.ଓ କମିଟିଙ୍କୁ ଅଣଦେଖା କରାଯାଇ କର୍ପୋରେସନ ନିର୍ଦ୍ଧାରଣ ସଂଖ୍ୟା-୭ (୧୯) ତା ୨୩.୧୦.୨୦୨୫ ରିଖ ଅନୁମୋଦନ କ୍ରମେ ରହିଛନ୍ତି । ଏହାର ପୁନଃବାର ବିଚାର କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୨). ନିଗମର ସାଧାରଣ ଭଣ୍ଡାର ଦ୍ୱାରା ତା ୦୧.୦୪.୨୦୨୪ ରିଖରୁ ତା ୧୯.୦୧.୨୦୨୬ ରିଖ ମଧ୍ୟରେ କ୍ରୟ କରାଯାଇଥିବା ବିଭିନ୍ନ ଜିନିଷର ତଥ୍ୟ ଉପସ୍ଥାପନ କରାଯାଇଥିଲା । ଏଥିରେ କେତେକ ଦ୍ରବ୍ୟରେ ବହୁ ଅଧିକ ମୂଲ୍ୟ ଉଲ୍ଲେଖ ଥିବାରୁ ତାହାକୁ ଉପ ଆୟୁକ୍ତ (ଭଣ୍ଡାର) ଯାଂଚ୍ କରି ସମ୍ପୂର୍ଣ୍ଣ ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. ୧୨.୫୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ଦୀପକ କୁମାର ମିଶ୍ର
ସଭାପତି
ତା ୨୧.୦୧.୨୦୨୬ ରିଖ